ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାର ସ୍ଥାନ ପରିବର୍ତ୍ତନ ଦୁର୍ଭାଗ୍ୟଜନକ

ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାକୁ (ଏନ୍ ଆଇଏସ୍‌ସି)ଓଡ଼ିଶାରୁ କଲିକତାକୁ ଉଠାଇ ନେବା ସଂପର୍କରେ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ।

ଆମେ ନିଜକୁ ଓଡ଼ିଶାର ବନ୍ଧୁ ଭାବେ ପ୍ରମାଣିତ କରିବା ପାଇଁ ଏହା ହେଉଛି ପ୍ରକୃଷ୍ଟ ସମୟ । ଏହାକୁ ଆମେ ନିଜନିଜ ସ୍ତରରେ ବିରୋଧ କରିବା ଉଚିତ ।

Help Hurric
Victims

Donate to t
Disaster Re
Fund Provic
Shelter, Foo
Support

Google reklān

ସମ୍ମାନର ସହ
ସୌମ୍ୟ
ଆଇ୍‌ଆଇ୍‌ଟି ଖଡ଼ଗପୁର

---

ପ୍ରିୟ ସଂପାଦକ,

ଯେତେଦିନ ପର୍ଯ୍ୟନ୍ତ ଆମେ ଓଡ଼ିଆ ସବୁ ରାଜ୍ୟର ଭବିଷ୍ୟତ ନେଇ ଏକ ସ୍ପଷ୍ଟ ଦୃଷ୍ଟିକୋଣ ନ ରଖିବା ସେ ପର୍ଯ୍ୟନ୍ତ ଆମେ ଉନ୍ନତି କରିପାରିବା ନାହିଁ ।

ଭବିଷ୍ୟତର କାର୍ଯ୍ୟପନ୍ଥା ନେଇ ଏକ ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ପ୍ରତିଶ୍ରୁତି ଏକ ବିକାଶଶୀଳ ସମାଜ ପାଇଁ ଯେ, ଅପରିହାର୍ଯ୍ୟ ୟୁରୋପ, ଉତ୍ତର ଆମେରିକା ଏବଂ ପୂର୍ବ ଏସୀୟ ଦେଶଗୁଡ଼ିକ ଏହାର ଜ୍ୱଳନ୍ତ ଉଦାହରଣ ।

ସମାଜର ଅଧିକାଂଶ ଲୋକ ନିକଟ ଏବଂ ଦୂର ଭବିଷ୍ୟତରେ ରାଜ୍ୟ ପାଇଁ କ'ଣ ଆବଶ୍ୟକ, ସେ ବିଷୟରେ ସଚେତନ ନ ଥିବାବେଳେ ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚିତ ନେତାମାନଙ୍କଠାରୁ ଏକ ମହାନ ଦୃଷ୍ଟିକୋଣ ଆଶା କରିବା ନିରାଶଜନକ ।

''ଅନେକ ସମୟରେ ଓଡ଼ିଶା ଉପେକ୍ଷିତ ହେଉଛି'' ଏକ ରାଜନୈତିକ ମନ୍ତବ୍ୟ ନୁହେଁ ବରଂ ଏହାର ସତ୍ୟାସତ୍ୟ ବର୍ତ୍ତମାନ ପରିସ୍ଥିତିରେ ପ୍ରତ୍ୟେକ ଭାରତୀୟ ଅନୁଭବ କରୁଛନ୍ତି ।

ଜାତିର କୌଣସି ପ୍ରଭାବଶାଳୀ ନିଷ୍ପତ୍ତିରେ ଓଡ଼ିଆ ନେତାଙ୍କର ଅବଦାନ ବିରଳ କିମ୍ବା ଆଦୌ ନାହିଁ ବୋଲି ସାଂପ୍ରତିକ ପରିସ୍ଥିତିରେ ଅସ୍ୱୀକାର କରାଯାଇପାରେନା ।

ସେ ଯାହା ହେଉନା କାହିଁକି ଓଡ଼ିଶା ପାଇଁ ପ୍ରକୃତ ଚ୍ୟାଲେଞ୍ଜ ପ୍ରଭାବଶାଳୀ ନିଷ୍ପତ୍ତି ନେବା ନୁହେଁ ବରଂ ନିଜେ ଓଡ଼ିଆ ଲୋକମାନେ ଯେଉଁମାନେ କିଛି ନ ବୁଝି ନ ବିଚାରି ପରିବେଶ, ଦୁର୍ନୀତି, ଆଦର୍ଶବାଦ

ନାଁରେ (ନ୍ୟସ୍ତ ସ୍ୱାର୍ଥ ଥିବା) ବାହାର ଲୋକମାନଙ୍କ କଥାରେ ପ୍ରେରିତ ହୋଇଥାନ୍ତି ।

ପୂର୍ବତନ ଏନ୍ ଡ଼ି ଏ ସରକାର ଦ୍ୱାରା ଓଡ଼ିଶାର ଭୁବନେଶ୍ୱରଠାରେ ସ୍ଥାପିତ ହେବାକୁ ଥିବା ''ନ୍ୟାସନାଲ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ'' କୁ ନିକଟରେ ୟୁପିଏ ସରକାର କଲିକତାକୁ ସ୍ଥାନାନ୍ତରିତ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

''ଏଆଇଆଇଏମଏସର ଭୁବନେଶ୍ୱରର ଆଞ୍ଚଳିକ ଶାଖାର ଭଲଭାବରେ ପ୍ରଚାର କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।

ଅନାବଶ୍ୟକଭାବେ ରାଜ୍ୟର ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଅନ୍ୟପକ୍ଷରେ ଓଡ଼ିଶାର ସ୍ୱାର୍ଥ ହାନି କରୁଥିବା କେନ୍ଦ୍ରର କୌଣସି ନିଷ୍ପତ୍ତିକୁ ସମର୍ଥନ କରିବା ଦ୍ୱାରା ତାହା ଯେ କୌଣସି ଦଳର ବିରୋଧରେ ଜନମତ ସୃଷ୍ଟି କରିପାରେ କାରଣ ବର୍ତ୍ତମାନ ଭାରତ ବିକାଶ ଦିଗରେ ଗତି କରୁଛି ଏବଂ ସାଟେଲାଇଟ୍ ଟିଭି ଏବଂ ଇଣ୍ଟରନେଟ୍ ମଧ୍ୟ ବେଶୀ ସଜାଗ ଅଛନ୍ତି ।

ଏପରିକି ଯେଉଁ ନେତା ଓ ବୁଦ୍ଧିଜୀବିମାନେ ଓଡ଼ିଶାରେ ପୋସ୍କୋକୁ ବିରୋଧ କରୁଛନ୍ତି, ସେମାନେ କିମ୍ବା ସେମାନଙ୍କର ଯୁକ୍ତି 'ଜାତୀୟ ବିଜ୍ଞାନ ସଂସ୍ଥା'ର ଭୁବନେଶ୍ୱରରୁ ସ୍ଥାନାନ୍ତରଣ ସମୟରେ ଦେଖାଯାଇ ନ ଥିଲା ।

ପୃଥିବୀର କୌଣସି ଦେଶ ଏହାର ଗଚ୍ଛିତ ପ୍ରାକୃତିକ ସଂପଦ ପାଇଁ ଧନୀ ନୁହେଁ । ଗତ ପାଞ୍ଚ ଶହ ବର୍ଷ ମଧ୍ୟରେ ବିଜ୍ଞାନ, ସ୍ଥାପତ୍ୟ, ଚିକିତ୍ସା ବିଜ୍ଞାନ ଏବଂ ଗବେଷଣାରେ ସମୃଦ୍ଧ ଦେଶମାନେ ହିଁ ଶକ୍ତିଶାଳୀ ଦେଶଭାବରେ ପରିଗଣିତ ହୋଇଛନ୍ତି ।

ଆମେ ସେହି ଦେଶ ଗୁଡ଼ିକଠାରୁ କିଛି ଶିଖି ଆମ ଖଣିଜ ସଂପଦକୁ ଏପରିଭାବରେ ବିନିଯୋଗ କରିବା ଆବଶ୍ୟକ ଯେ, ଆମର ଗଚ୍ଛିତ ଖଣିଜ ସଂପଦ ଧାତବ ପଦାର୍ଥ ଜନିତ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ତ ଥା ବୈଦ୍ୟୁତିକ, ସୂଚନା ଏବଂ ପ୍ରଯୁକ୍ତି ବିଜ୍ଞାନ ସମ୍ବନ୍ଧୀୟ ଶିକ୍ଷା ପ୍ରତିଷ୍ଠା ହୋଇପାରିବ ।

ଏହାର ପର୍ଯ୍ୟାପ୍ତ ଜଙ୍ଗଲ ଏବଂ ସାମୁଦ୍ରିକ ସମ୍ବଳ ଥିବାରୁ ଓଡ଼ିଶା ଜୈବ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ହୋଇପାରିବ ।

ସର୍ବୋପରି ଗବେଷଣା ଏବଂ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଆସନ୍ତା ଶହେ ବର୍ଷ ମଧ୍ୟରେ ସଫଳତାର ଚାବିକାଠି ପ୍ରମାଣିତ ହୋଇପାରିବ ।

ତେଣୁ ନାଗରିକମାନେ 'ପୋସ୍କୋ ଚୁକ୍ତି' କୁ ବିରୋଧ କରିବା ବଦଳରେ, ଯେଉଁମାନେ ଜାତୀୟ ବିଜ୍ଞାନ ସଂସ୍ଥାକୁ କୋଲକାତାକୁ ସ୍ଥାନାନ୍ତର କରିବା ପାଇଁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ବିରୋଧ କରିବା ଆବଶ୍ୟକ ଏବଂ ପ୍ରସ୍ତାବିତ ଅନୁଷ୍ଠାନକୁ ଓଡ଼ିଶା କୁ ଫେରାଇ ଆଣିବା ଉଚିତ ।

ଆମେ ଜାଣିଛୁ ଯେ, ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ବାଙ୍ଗାଲୋରରେ ଆଧୁନିକ ଶିକ୍ଷାନୁଷ୍ଠାନ ଗୁଡ଼ିକର ସଫଳତା ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ।

ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିକୁ ଭୁବନେଶ୍ୱରରେ ସ୍ଥାପନ କରିବା ପାଇଁ ଅନୁମତି ନ ଦେଇ ଥିବାରୁ ତାର ଯନ୍ତ୍ରଣା ଆମେ ୩୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ଭୁଲି ପାରିନୁ ।

ପରେ ତାହା ଖଡ଼ଗ୍ ପୁରକୁ ସ୍ଥାନାନ୍ତରିତ ହୋଇଯାଇଥିଲା ।

'ପୋସ୍କୋ ଚୁକ୍ତି' ପାଇଁ ନୁହେଁ ବରଂ 'ଜାତୀୟ ବିଜ୍ଞାନ ସଂସ୍ଥା' ପାଇଁ ଆମେ ଆସନ୍ତା ପଚାଶ ବର୍ଷ ଧରି ନିଜକୁ କ୍ଷମା କରିପାରିବାନି ।

ତେଣୁ ବୁଦ୍ଧି ଜୀବି, ରାଜନେତା, ଶୁଭେଚ୍ଛୁ, ଜ୍ଞାନୀ, କୃଷକ, ବୃତ୍ତିଜୀବି ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ବର୍ତ୍ତମାନ ନିର୍ଣ୍ଣୟ ନେବାର ସମୟ ଉପନୀତ ହୋଇଛି ।

ଧନ୍ୟବାଦ

ଶୁଭେଚ୍ଛା ସହ

ଦିଗାମ୍ବର ପାତ୍ର
ଜାପାନ

-------------------------------------------------------------

ମୁଁ ଓଡ଼ିଶା ଡ଼ଟ୍ କମ୍‌ର ଜଣେ ନିୟମିତ ପାଠକ । ଏହାକୁ ନିର୍ମାଣ କରିବାରେ ଆପଣଙ୍କ ପ୍ରଚେଷ୍ଟା ପାଇଁ ଆପଣଙ୍କ ପ୍ରଶଂସା ନକରି ରହିପାରୁନାହିଁ । ଏହି ଉଦ୍ୟମ ପଛରେ ଥିବା ସମସ୍ତଙ୍କୁ ମୋର ଶୁଭେଚ୍ଛା ।

ପ୍ରତିଦିନ ମୋର ମାତୃଭୂମିର ଖବର ଏହି ସାଇଟରୁ ଦେଖିବାକୁ ବହୁତ ଭଲ ପାଏଁ । ତେବେ ମୁଁ ଭାବୁଛି, ଯଦି ଆପଣ ଗଂଜାମ ଜିଲ୍ଲାର କିଛି ଖବର ଦିଅନ୍ତେ ବହୁତ ଭଲ ହୁଅନ୍ତା । ଏହା ମୋର ଏକ ଅନୁରୋଧ କାରଣ ମୁଁ ନିଜ ଜିଲ୍ଲାର କିଛି ଖବର ଜାଣିବାକୁ ଚାହେଁ । ତେବେ ଏହା ଏକ ଅନୁରୋଧ ମାତ୍ର ।

ତ୍ରୀଲୋଚନ ପାତ୍ର, ଏପ୍ଲିକେସନ ଡ଼େଭଲପର
ଗ୍ଲୋବାଲ ଡ଼େଭଲପମେଣ୍ଟ ସେଣ୍ଟର,ଦୁବାଇ(ୟୁଏଇ)
+୯୭୧-୪-୩୬୭-୬୮-୬୧୬

-------------------------------------------------------------

ପ୍ରିୟ ବନ୍ଧୁ,

ଆପଣଙ୍କ ସାଇଟ ଦେଖି ବହୁତ ଆନନ୍ଦିତ । ଆମ ଘର ପୁରୀ । ରାଉରକେଲା ଇଂଜିନିୟରିଂ କଲେଜରୁ ୧୯୬୫ରେ ଡ଼ିଗ୍ରୀ ହାସଲ କଲାପରେ ମୁଁ ସେଠାରେ ଅଧାପନା କରୁଥିଲି । ୧୯୬୮ରେ ମୁଁ ଇଣ୍ଡିଆନ ରେଲୱେ ସର୍ଭିସ ଅଫ ଇଂଜିନିୟରସରେ ଯୋଗଦାନ କଲି ।

ବିଦେଶକୁ ଆସିବା ପୂର୍ବରୁ ଇରକନ ଇଣ୍ଟରନ୍ୟାସନାଲରେ ଜେନେରାଲ ମ୍ୟାନେଜର ଭାବେ କାମ କରିଛି ।

ମୁଁ ଭାରତ ବାହାରେ ପ୍ରାୟ ଗତ ଦଶ ବର୍ଷ ଧରି ରହିଛି । ମୁଁ ପ୍ରାୟ ଗଲ୍ଫରେ ଏବଂ ମାଲୟେସିଆରେ କାମ କରିଛି । ଏବେ ତାଇୱାନ ରେଳବାଇର ଜଣେ ପରାମର୍ଶଦାତା ଭାବେ ତାଇୱାନରେ କାମ କରୁଛି ।

ମୁଁ ଆପଣଙ୍କ ସଂସ୍ଥା ବିଷୟରେ ଅଧିକ ଜାଣିବା ପାଇଁ ଇଚ୍ଛା କରେ । କୁହନ୍ତୁ ଆପଣଙ୍କୁ କିଭଳି ଭାବେ ସାହାଯ୍ୟ କରିପାରିବି ।

ଧନ୍ୟବାଦ ସହ
ଅକ୍ଷୟ କୁମାର ଦାସ, ତାଇୱାନ

-------------------------------------------------------------------

ଆପଣଙ୍କ ୱେବ ସାଇଟଟି ବାସ୍ତବରେ ଆକର୍ଷଣୀୟ । ଦୟାକରି ଆପଣ ମୋତେ ଓଡ଼ିଶାର ବନ୍ଧୁ ସ୍ତମ୍ଭରେ ପଞ୍ଜୀକୃତ କରନ୍ତୁ ।

ଗୋବିନ୍ଦ ଚନ୍ଦ୍ର ମିଶ୍ର, ଇଂଜିନିୟର
କୁଏତ ଅଏଲ କମ୍ପାନୀ, କୁଏତ
ଫୋନ-୦୦୯୬୫୩୭୨୦୮୯୧

-------------------------------------------------------------------

ନମସ୍କାର

ଗୌରୀ ବାକ୍ଲାଙ୍କୁ ମଧ ନମସ୍କାର । ଜଣେ ମହିଳା ହୋଇ ସେ ଯେଉଁ କାର୍ଯ୍ୟ କରୁଛନ୍ତି ସେଥି ପାଇଁ ତାଙ୍କ ସାମନାରେ ମୋ ମଥାକୁ ନମିତ କରୁଛି । ମୁଁ ଆଶ୍ଚର୍ଯ୍ୟ ଯେ ତାଙ୍କ ଭଳି ବ୍ୟକ୍ତିତ୍ୱ ଥାଇ ସୁଦ୍ଧା ଓଡ଼ିଶାରେ ଏ ଅବସ୍ଥା କାହିଁକି ? ମୁଁ ଆଶା କରୁଛି ତାଙ୍କ ଉଦ୍ୟମ ନିଶ୍ଚିତ ଭଲଫଳ ଦେବେ ।

ବିଶ୍ୱଜିତ ମିଶ୍ର,ଏଡ଼୍ଭୋକେଟ,କେନିଆ

-------------------------------------------------------------------

ହାଏ,

ମୁଁ ଭୁବନେଶ୍ୱରର ବିକାଶ । ମୁଁ ଜଣେ ସଫ୍ଟୱେୟାର ଇଂଜିନିୟର ଅହମଦାବାଦରେ ଚାକିରୀ କରୁଛି । ମୁଁ ଆପଣଙ୍କ ସାଇଟ ଉପରେ ଅତ୍ୟନ୍ତ ପ୍ରଭାବିତ । ମୁଁ ବହୁତ ଭଲଭଲ ସାକ୍ଷାତକାର ଓ ଉତ୍ତମ ଖବର ପାଏଁ । ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ । ମୁଁ ଆପଣଙ୍କ ସାଇଟରେ ସୂଚନା ପ୍ରଯୁକ୍ତି ଉପରେ ଏକ ସ୍ତମ୍ଭ ଲେଖିବାକୁ ଚାହେଁ ।

ବିକାଶ

--------------------------------------------------------------------------------
-

ହାଏ,

ମୋ ନାଁ ଏସ୍ ଗୋବିନ୍ଦା ଏବଂ ମୋର ଘର ନବରଙ୍ଗପୁରରେ । ମୁଁ ବାଙ୍ଗାଲୋରର ଏକ ସଫ୍ଟୱେୟାର

କମ୍ପାନୀରେ କାମ କରୁଛି । ମୁଁ ଆପଣଙ୍କ ସାଇଟ ଆକସ୍ମିକ ଭାବେ ଦେଖିବା ଆରମ୍ଭ କରିଛି ଓ ଯେଉଁ ଦିନ ଦେଖିଛି ସେହି ଦିନ ଠାରୁ ନିୟମିତ ଭାବେ ଦେଖୁଛି ।

ଆପଣମାନେ ଏକ ମହତ୍ କର୍ମ କରୁଛନ୍ତି ଯାହାକୁ ମୁଁ ପ୍ରଶଂସା ନକରି ରହି ପାରୁ ନାହିଁ । ମୁଁ କେବେ ବି ଏଭଳି ଆଞ୍ଚଳିକ ତଥା ସୂଚନା ପ୍ରଦାନକାରୀ ସାଇଟ ଦେଖିନାହିଁ । ତେବେ ସାଇଟକୁ ଅଧିକ ଆକର୍ଷଣୀୟ କରିବା ପାଇଁ କେତେକ ପଦକ୍ଷେପ ନେବା ପାଇଁ ଅନୁରୋଧ କରେ ।

ଯଥା ଆପଣ ଅଧିକ ଚାକିରୀ ସଂକ୍ରାନ୍ତୀୟ ବିଜ୍ଞାପନ,କ୍ରୀଡ଼ା ଏବଂ ଚଳଚ୍ଚିତ୍ର ସମୀକ୍ଷା ଦିଅନ୍ତେ ତେବେ ତାହା ଯୁବକ ଯୁବତୀ ମାନଙ୍କୁ ଅଧିକ ଆକର୍ଷିତ କରିପାରନ୍ତା । ଆଶା ଓଡ଼ିଶା ଡ଼ଟ୍ କମ୍ ଏଦିଗ ଗୁଡ଼ିକ ପ୍ରତି ଭବିଷ୍ୟତରେ ଧ୍ୟାନ ଦେବ ।

ସମ୍ମାନର ସହ
ଏସ୍ ଗୋବିନ୍ଦା

---

ପ୍ରିୟ ମହାଶୟ,

ମୁଁ ପ୍ରଥମରୁ କହିରଖେ ଯେ ମୁଁ ଆପଣଙ୍କ ସାଇଟକୁ ବହୁତ ଭଲ ପାଏ । ମୁଖ୍ୟତଃ ରଥଯାତ୍ରା ୨୦୦୫ ଉପରେ ଆପଣ ପରିବେଶିତ କରିଥିବା ଫଟୋଗୁଡ଼ିକ ।

ମୁଁ ସେହିଭଳି ଫଟୋ ଗୁଡ଼ିକ ଦେଖିବା ପାଇଁ ଇଣ୍ଟରନେଟରେ ବହୁତ ଖୋଜିଛି ମାତ୍ର ମୋତେ ତାହା କେବଳ ଆପଣଙ୍କର ସାଇଟରୁ ମିଳିଛି । ଏହା ବ୍ୟତିତ ମୁଁ ଆପଣଙ୍କ ସାଇଟରେ ଆସୁଥିବା ଖବର ଗୁଡ଼ିକ ମଧ୍ଯ ଭଲ ପାଏଁ ଯାହା ମୋତେ ପ୍ରତିଦିନ ସାଇଟ ଦେଖିବାକୁ ପ୍ରେରିତ କରେ ।

ସମ୍ମାନର ସହ
ଶ୍ରୀମନ୍ତ,ଟାଟା କନ୍ସଲଟେନ୍ସୀ ସର୍ଭିସ ଲିମିଟେଡ଼
ଆଲାକାଆ,ଏଟିସି,ପିର୍ଟସବର୍ଗ (୭୨୪)୩୩୭୬୯୩୩

---

ଶୁକ୍ରବାର, ୦୧ ଜୁଲାଇ ୨୦୦୫

ମହାଶୟ,

ଆପଣଙ୍କ ସାଇଟ୍ ପ୍ରତିଦିନ ଦେଖୁଛି । ଓଡିଆ ଭାଷାରେ ନିଶ୍ଚିତଭାବେ ଏହା ଏକ ଅଭିନବ ଏବଂ ସାଧୁ ଉଦ୍ୟମ । ମୁଁ ମଧ୍ୟ ଅନୁରୂପ ପେଶାରେ ସଂଶ୍ଲିଷ୍ଟ ଅଛି ଓ ନୂଆଦିଲ୍ଲୀର ଗୋଟିଏ ନିଉଜ୍ ସାଇଟ୍ ପାଇଁ କାମ କରୁଛି ।

ବୈଦ୍ୟନାଥ ସିଂହଙ୍କ ସହ ସାକ୍ଷାତକାର ପ୍ରତ୍ୟେକ ଓଡିଆଙ୍କ ଆଖି ଖୋଲିବାରେ ନିଶ୍ଚିତଭାବେ ସହାୟକ ହେବ ଏବଂ ଆପଣଙ୍କ ସାଇଟ୍ ଦ୍ୱାରା ହୋଇଥିବା ଏହି କାମଟି ଅନ୍ୟତମ ସର୍ବୋତ୍କୃଷ୍ଟ କାମ । ବିଭିନ୍ନ ସମୟରେ ଲୋକଲୋଚନକୁ ଆସିନଥିବା ନାନା ଖବର ଓ ସାକ୍ଷାତକାରମାନ ପ୍ରକାଶ କରୁଥିବାରୁ ଓଡିଶା ଡଟ୍ କମ୍ ପରିବାରକୁ ହୃଦକନ୍ଦରରୁ ଅନେକ ଅନେକ ଶୁଭେଚ୍ଛା ।

ତେବେ ଲେ-ଆଉଟ୍ ଏବଂ ଫଣ୍ଟରେ ସାମାନ୍ୟ ଉନ୍ନତିର ଆବଶ୍ୟକତା ଥିବାଭଳି ମନେ ହେଉଛି ।

ଓଡିଶାର ବିକାଶ ଲାଗି ଆପଣଙ୍କସହ ହାତ ମିଳାଇ ପାରିଲେ ଅଧିକ ଆନନ୍ଦିତ ହେବି ।

ସମ୍ମାନର ସହ
ସିତାଂଶୁଶେଖର
-----------------------------------------------------------------
ଗୁରୁବାର, ୨୩ ଜୁନ୍ ୨୦୦୫

ହାୟ,

ଆପଣଙ୍କ ୱେବ୍‌ସାଇଟ୍ ଆରମ୍ଭ ହେବା ଦିନଠାରୁ ମୁଁ ନିୟମିତ ଦେଖୁଛି । ସାଧାରଣତଃ ଠିକ୍ ସମୟରେ ସମ୍ବାଦ ଗୁଡିକ ପ୍ରକାଶିତ ହେଉଛି । ତେବେ ଗୋଟିଏ ଅଭାବ ପରିଲକ୍ଷିତ ହେଉଛି ଏବଂ ସେଇଟି ହେଲା, କେତେକ ଭଲ ଖବରର ପ୍ରଥମ ଦୁଇ ଚାରିଟି ଧାଡି ବାଦ ଦେଲେ ଅନ୍ୟତ୍ର ବିଶେଷ ତଥ୍ୟ ରହୁନାହିଁ ।

ଧନ୍ୟବାଦ ଓ ଏହି ଚିଠିର ବିଷୟବସ୍ତୁକୁ ଧରିବେ ନାହିଁ ।

ଧନଞ୍ଜୟ
ଦିଲ୍ଲୀ
-----------------------------------------------------------------
ମହାଶୟ,

ଆପଣଙ୍କ ଅଭିନବ ଉଦ୍ୟମ ସମ୍ପର୍କରେ ଜାଣିବାକୁ ପାଇଲି । ବାସ୍ତବିକ ଓଡିଶାରେ ପ୍ରଥମଥର ଲାଗି ଏହା ଏକ ଆଶ୍ଚର୍ଯ୍ୟଜନକ ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆପଣଙ୍କ ସଂସ୍ଥାର ସଦସ୍ୟଭୁକ୍ତ ହେବାକୁ ଆଗ୍ରହୀ । ଔପଚାରିକା ସମ୍ପର୍କରେ ଜଣାଇଲେ ଖୁସି ହେବି ।

ଭକ୍ତିରସହ
ସିଦ୍ଧାର୍ଥ ପି. ପଣ୍ଡା
-----------------------------------------------------------------
ସୁ-ପ୍ରଭାତ

ଆପଣଙ୍କ ୱେବ୍‌ସାଇଟ୍ କାହିଁକି ଠିକ୍‌ଭାବେ ଦୃଶ୍ୟମାନ ହେଉ ନାହିଁ ଜଣାଇଲେ ଉପକୃତ ହେବି । ଓଡିଆ ଅକ୍ଷର ଗୁଡିକ କିମ୍ଭୁତକିମାକାର ଦିଶୁଛି । ସମ୍ଭବତଃ ଆପଣଙ୍କର କାର୍ଯ୍ୟାଳୟରେ କିଛି ତୃଟିବିଚ୍ୟୁତି ଅଛି । ବିଗତ ତିନି ଚାରି ଦିନ ହେଲା ଏହି ସମସ୍ୟା ଦେଖାଦେଇଛି ।

ସମ୍ମାନର ସହ
ବିଶ୍ୱଜିତ୍, କେନିୟା
-----------------------------------------------------------------
ହାୟ,

ଚିନ୍ମୟୀଙ୍କ ସହ ସାକ୍ଷାତକାର ଓ ମାଟ୍ରିକ ପରୀକ୍ଷାଫଳ ପୃଷ୍ଠାଟି ବେଶ୍ ଭଲ ଲାଗିଲା । ଅନ୍ୟାନ୍ୟ ଖବରକାଗଜ ଭଳି ଆପଣଙ୍କ ସାଇଟ୍‌ରେ କାହିଁକି ଅଧିକ ଖବର ଆସୁନାହିଁ । କିଛି ଦିନ ତଳେ ମେଲ୍

ପଠାଇଥିଲି, ଅଦ୍ୟାବଧି ଉତ୍ତର ପାଇଲି ନାହିଁ।

ଆଶୁତୋଷ ପଣ୍ଡା

---------------------------------------------------------------

ମହାଶୟ,

ମୋ' ନାଁ ଶାନ୍ତନୁ କୁମାର ପୁରୋହିତ ଏବଂ ବୁର୍ଲାର ବୀର ସୁରେନ୍ଦ୍ରସାଏ ଡାକ୍ତରଖାନାରେ କାଉନ୍‌ସେଲର ଭାବେ ବର୍ତ୍ତମାନ କାର୍ଯ୍ୟରତ। ଆପଣଙ୍କ ସାଇଟ୍‌ର ଜଣେ ସଦସ୍ୟ ହେବାକୁ ଚାହୁଁଛି। ନାମ କିଭଳି ପଞ୍ଜିକରଣ କରିବି ଜଣାଇବାକୁ ଅନୁରୋଧ।

ଶାନ୍ତନୁ କୁମାର ପୁରୋହିତ,
ବୁର୍ଲା

---------------------------------------------------------------

ପ୍ରିୟ ମହାଶୟ,

୨୦୦୫ ଜୁନ୍ ୨ ତାରିଖରେ ପ୍ରକାଶିତ ଏକ ଖବର ପଢ଼ିଲି। ସେଥିରେ ଲେଖାଥିଲା, ପରୀକ୍ଷାରେ ସଫଳତା ପାଇବା ଲାଗି ବ୍ୟକ୍ତିଗତ ଟ୍ୟୁସନ୍‌ର ଆବଶ୍ୟକତା ନାହିଁ। ଓଡିଶାର ଶିକ୍ଷା ପଦ୍ଧତି ସମ୍ପର୍କରେ ମୋର ଅନୁଧ୍ୟାନରୁ କେତୋଟି କଥା ଏଠାରେ ଉଲ୍ଲେଖ କରିବା ସମୀଚିନ ହେବ ବୋଲି ଭାବୁଛି।

କିଛି ଦିନ ତଳେ ଓଡିଶା ଗସ୍ତରେ ଯାଇଥିଲି। ଏହି ସମୟରେ କେତେକ ଅନୁଦାନପ୍ରାପ୍ତ ସ୍କୁଲ ପରିଦର୍ଶନ କରିବାସହ ସେଠାର ଶିକ୍ଷକ ଓ ପ୍ରଧାନଶିକ୍ଷକମାନଙ୍କୁ ଭେଟିଥିଲି। ପାଠପଢା ପରିବେଶ ଏବଂ ଶିକ୍ଷାଦାନ ପଦ୍ଧତି ଦେଖିବାପରେ ମୋର ହୃଦ୍‌ବୋଧ ହୋଇଛି ଯେ, ଓଡିଆ ପିଲାମାନେ ବିନା ଟ୍ୟୁସନ୍‌ରେ ପରୀକ୍ଷାରେ ସଫଳତା ପାଇବା କାଠିକର ପାଠ।

ବ୍ରିଟିଶରେ ତାଲିମପ୍ରାପ୍ତ ଶିକ୍ଷକ ତଥା ବ୍ରିଟିଶ୍ ସ୍କୁଲରେ ଶିକ୍ଷାଦାନ କରୁଥିବାରୁ ଓଡିଶାର ସ୍କୁଲ୍ ଗୁଡିକ ବିବିଧ କ୍ଷେତ୍ରରୁ ବଂଚିତ ହେଉଥିବାର ଅନୁଭବ କରୁଛି।

ସେଥିମଧ୍ୟରୁ କେତେକ ହେଲା, ଶ୍ରେଣୀ ଗୁଡିକ ଅପେକ୍ଷାକୃତ ବଡ ଏବଂ ପ୍ରତ୍ୟେକ ଶ୍ରେଣୀରେ ଅନ୍ୟୁନ ୬୦ରୁ ୮୦ ଜଣ ପିଲା ପାଠ ପଢୁଛନ୍ତି। ଶିକ୍ଷା ପାଇଁ ସମ୍ବଳର ଅଭାବ ରହିଛି। ଭଲ ପୁସ୍ତକ, ଶ୍ରେଣୀଗୃହ, ଆସବାବପତ୍ର ଓ ଶିକ୍ଷକମାନଙ୍କ ନିମନ୍ତେ ଶିକ୍ଷାଦାନର କୌଣସି ସାମଗ୍ରୀ ନାହିଁ।

ପାରମ୍ପରିକ ଶିକ୍ଷକ କେନ୍ଦ୍ରିକ ଶିକ୍ଷାଦାନ ପଦ୍ଧତି ସାଙ୍ଗକୁ ଚକଖଡିର ସାହାଯ୍ୟରେ ମୌଖିକ ପ୍ରଣାଳୀରେ ଏବେ ମଧ୍ୟ ଶିକ୍ଷାଦାନ ଚାଲିଛି। ଶିକ୍ଷା ଗ୍ରହଣରେ ଦୁର୍ବଳ ଥିବା ଛାତ୍ରଛାତ୍ରୀମାନଙ୍କୁ ବାଟକୁ ଆଣିବା ଲାଗି କୌଣସି ସ୍ୱତନ୍ତ୍ର ପଦ୍ଧତି ଅନୁସରଣ କରାଯାଉନାହିଁ।

ଏତିକି ନୁହେଁ ସ୍କୁଲ ଗୁଡିକରେ ବ୍ୟାପକ ପରିଚାଳନାଗତ ତୃଟି ଲାଗି ରହିଛି। ଭାରତରେ କମ୍ପ୍ୟୁଟରର ପ୍ରଭୁତ ବିକାଶ ସାଧିତ ହୋଇଥିବାବେଳେ ଶତକଡା ୯୫ ଭାଗରୁ ଅଧିକ ସ୍କୁଲରେ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ନାହିଁ। ଶିକ୍ଷକମାନଙ୍କୁ କୌଣସି ସ୍ୱତନ୍ତ୍ର ସେବା ତାଲିମ ଦିଆଯାଉନାହିଁ।

ସ୍କୁଲ ଗୁଡିକରେ କ୍ୟାରିୟର ଏବଂ କାଉନସେଲିଂ ବ୍ୟବସ୍ଥା ଦୂରେଥାଉ, ଅଭିଭାବକ ଏବଂ ସ୍କୁଲ ମଧ ୍ୟରେ ଉତ୍ତମ ଯୋଗାଯୋଗ ରକ୍ଷାର ବ୍ୟବସ୍ଥା ନାହିଁ। ଏହାଛଡା ଆବଶ୍ୟକ ପାଣ୍ଠି ନାହିଁ। ଏମିତି ଅନେକ

ସମସ୍ୟା ଲାଗି ରହିଛି ।

ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରୁଥିବା ଛାତ୍ରଛାତ୍ରୀମାନେ ମୁଖ୍ୟତଃ ଉଚ୍ଚ ଆୟକାରୀ ବର୍ଗର ଓ ସେମାନେ ସହରାଂଚଳରେ ବିଭିନ୍ନ ସ୍କୁଲରେ ଅଧ୍ୟୟନ କରନ୍ତି । ମୁଁ ଆଉ ଗୋଟିଏ କଥା ଲକ୍ଷ୍ୟ କରିଛି, ସେହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଅନେକ କୌଣସି ଘରୋଇ ଶିକ୍ଷାନୁଷ୍ଠାନ ନତୁବା ଟ୍ୟୁସନ୍ ସେଣ୍ଟରକୁ ଯାଇଥାନ୍ତି ।

ଏଭଳି ପରିସ୍ଥିତିରେ ଅନ୍ୟ ଅଭିଭାବକମାନେ କିଭଳି ବୁଝିବାକୁ ସକ୍ଷମ ହେବେ ଯେ, ଟ୍ୟୁସନ୍‌ର ସାହାଯ୍ୟ ନନେଇ ସେମାନଙ୍କର ପିଲାମାନେ ପରୀକ୍ଷାରେ ସଫଳତା ହାସଲ କରିପାରିବେ ।

ମଂଜୁ ଚୌଧୁରୀ,
ୟୁକେ

-----------------------------------------------------------

ମହାଶୟ,

ଓଡିଶା ଡଟ୍ କମ୍ ପ୍ରତିଦିନ ବ୍ରାଉଜ୍ କରୁଛି ଏବଂ ଏଥିରୁ ଅନେକ ଆନନ୍ଦ ମଧ୍ୟ ପାଉଛି ।
ବିଶେଷକରି ସମସ୍ୟାଭିତ୍ତିକ ସାକ୍ଷାତକାର ଗୁଡିକ ପଢିବାକୁ ବହୁତ ଭଲ ଲାଗୁଛି । ତେବେ ଦୁର୍ଭାଗ୍ୟବଶତଃ ଅନେକ ସାକ୍ଷାତକାରରେ ସମ୍ପୃକ୍ତ ସାମ୍ବାଦିକଙ୍କ ନାଁ ରହୁନାହିଁ । ନାଁ ରହିଲେ ଆବଶ୍ୟକସ୍ଥଳେ ସେମାନଙ୍କସହ ଯୋଗାଯୋଗ କରିବା ସମ୍ଭବ ହୋଇପାରନ୍ତା ।
ଭବିଷ୍ୟତରେ ସାମ୍ବାଦିକମାନଙ୍କ ଠିକଣା ପ୍ରକାଶ କରିବାକୁ ଅନୁରୋଧ ରହିଲା । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଆପଣଙ୍କ ସାଇଟ୍‌ର 'ଓଡିଶାର ବନ୍ଧୁ ବିଭାଗ' । ପ୍ରଥମେ ଆପଣ ମତେ କୁହନ୍ତୁ, ନିଜ ରାଜ୍ୟରେ କିଏ କାହିଁକି ଅତିଥିର ପରିଚୟ ପାଇବାକୁ ଚାହିଁବ ? ତେଣୁ ସେହି ବିଭାଗର ନାମ ପରିବର୍ତ୍ତନ କରିପାରିଲେ, ନିଶ୍ଚିତଭାବେ ଆଗାମୀ ଦିନରେ ଅଧିକରୁ ଅଧିକ ଲୋକଙ୍କୁ ଆକୃଷ୍ଟ କରିବାରେ ଆପଣ ସକ୍ଷମ ହେବେ । ଅନ୍ୟଥା ଆପଣଙ୍କ ଉଦ୍ୟମ ଶତକଡା ଶହେ ଭାଗ ସଫଳ ହେବ ବୋଲି ଭାବୁ ନାହିଁ ।

ଉନ୍ନୟନମୂଳକ ସମ୍ବାଦ ସହ ଚଳନ୍ତି ଘଟଣାବଳୀର ସମିଶ୍ରଣ ହିଁ ଆପଣଙ୍କ ସାଇଟ୍‌ର ବିଶେଷତ୍ୱ । ନଚେତ ବର୍ତ୍ତମାନ ଅନେକ ସୂତ୍ରରୁ ଏହାଠାରୁ ଆହୁରି ତାଜା ସମ୍ବାଦ ମିଳୁଛି ।

ଉତ୍ତର ପ୍ରତୀକ୍ଷାରେ

ବିମଳ ମହାନ୍ତି,
ସିରେମ୍ବାନ୍ ନେଗେରୀ ସେମ୍ବିଲାନ୍,
ମାଲେସିୟା

-----------------------------------------------------------

ରବିବାର, ଜୁନ୍ ୧୯, ୨୦୦୫

ହ୍ୟାଲୋ,

ଆପଣଙ୍କ ୱେବ୍‌ସାଇଟ୍‌ରେ ସମ୍ବାଦ ଦେବାଲାଗି ଇଚ୍ଛୁକ ଏବଂ ଏହାକୁ ମୁଁ କେମିତି ପଠାଇବି ? ଇଂରାଜୀରେ ପ୍ରେରଣ କରିବି ନା ଓଡିଫୋନ୍‌ଭଳି କୌଣସି ଓଡିଆ ଫଣ୍ଟ ବ୍ୟବହାର କରିବାକୁ

ପଡିବ ?

ଶ୍ରଦ୍ଧା ଓ ସମ୍ମାନରସହ

ବିରେନ୍ଦ୍ର ଜେନା, ନର୍ଥ କାନଟନ୍, ଓହିଓ, ଆମେରିକା
-------------------------------------------------------------------

ଜୁନ୍ ୮,୨୦୦୫,ବୁଧବାର
ଆପଣଙ୍କ ଲୋକପ୍ରିୟ ସାଇଟ୍‌ରେ ଗୋହିଆପାଲ ଗାଁର ନାଁ ଦେଖି ଉଲ୍ଲସିତ

ମହାଶୟ,

'ଦୁନିଆଟା ଗୋଲ୍' ବୋଲି ସାଧାରଣରେ ଏକ ଉକ୍ତି ପ୍ରଚଳିତ ଅଛି। ଏହା କେତେଦୂର ସତ ମଧ୍ୟ। କାରଣ ମୁଁ ଶୁଣିଛି ଗୋହିଆପାଲ୍ ଗାଁରେ ଅଥର୍ବ ବେଦ (ତାଳପୋଥି) ସଂରକ୍ଷିତ ହୋଇ ରହିଛି। ସୌଭାଗ୍ୟର ବିଷୟ ସେହି ଗାଁରେ ମୋ' ଧର୍ମପତ୍ନୀଙ୍କ ଘର। ଉପାଧ୍ୟାୟ ପରିବାରସହ ତାଙ୍କର ଘନିଷ୍ଠତା ରହିଛି। ସିଂଘଭୂମୀ ଜିଲ୍ଲାରେ ପୂର୍ବରୁ ଏହି ସ୍ଥାନଟି ରହିଥିଲା।

ବର୍ତ୍ତମାନ ଏହା ଝାଡଖଣ୍ଡ ରାଜ୍ୟର ସୀମା ପରିସରଭୁକ୍ତ ହୋଇଛି ଏବଂ ଏଠାରେ ମୁଖ୍ୟତଃ ଓଡିଆ ଭାଷାଭାଷୀ ଲୋକମାନେ ରହୁଛନ୍ତି। ପ୍ରକୃତ ବିଷୟ ହେଲା, ମୋ' ଧର୍ମପତ୍ନୀଙ୍କ ପରିବାରକୁ ଜାଣିଥିବା ଜଣେ ବ୍ୟକ୍ତି କିଛି ବର୍ଷ ପୂର୍ବେ ଭୁବନେଶ୍ୱରରେ ଆମ ଘରକୁ ଆସିଥିଲେ।

'ତପିନୀ' ନାମକ ବିଷୟବସ୍ତୁ ଖୋଜି ଦେବା ନିମନ୍ତେ ଶ୍ୱଶୁରଙ୍କ ନିକଟକୁ ଖଣ୍ଡିଏ ପତ୍ର ଲେଖିଦେବା ଲାଗି ଧର୍ମପତ୍ନୀଙ୍କୁ ଅନୁରୋଧ ଜଣାଇଥିଲେ। କେବଳ ତାଙ୍କରି ଗାଁରେ ହିଁ ଏ ବିଷୟରେ ତଥ୍ୟ ମିଳୁଥିବା ସେ ଜଣାଇଥିଲେ।

ପରେ ଶ୍ୱଶୁରଙ୍କ ନିକଟରୁ ଜାଣିବାକୁ ପାଇଥିଲି, ତନ୍ତ୍ର ବିଷୟ ସହ ଉପରୋକ୍ତ ବିଷୟର ଓତଃପ୍ରୋତଃ ସମ୍ପର୍କ ରହିଛି।

ଏବେ ଆପଣଙ୍କ ଲୋକପ୍ରିୟ ସାଇଟ୍‌ରେ ପୁନଶ୍ଚ ସେହି ଗାଁର ନାଁ ଦେଖି ଅତ୍ୟନ୍ତ ଉଲ୍ଲସିତ ଅନୁଭବ କଲି।

ସମ୍ମାନର ସହ

ବିଶ୍ୱଜିତ୍

ଲୋଚକ ଗ୍ରୁପ୍ ଅଫ୍ କମ୍ପାନୀ, କେନିଆ ।

-------------------------------------------------------------------------

ମଇ ୧୧, ଗୁରୁବାର

ହାଇସ୍କୁଲ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ, ବିଶେଷକରି ପ୍ରଥମ

ଦଶ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଥିବା କୃତି ଶିକ୍ଷାର୍ଥୀମାନଙ୍କୁ ମୋ’ ହୃଦ୍‌କନ୍ଦରରୁ ଅଭିନନ୍ଦନ । ତା’ଛଡା ସେମାନଙ୍କ ଭବିଷ୍ୟତ ପାଇଁ ମଧ୍ୟ ଅନେକ ଅନେକ ଶୁଭକାମନା ଜଣାଉଛି ।

ପରୀକ୍ଷାରେ ଅକୃତ କାର୍ଯ୍ୟ ହୋଇଥିବା ଶିକ୍ଷାର୍ଥୀଗଣ ହତୋତ୍ସାହିତ ନହେବା ଉଚିତ । ସଫଳତାର ପ୍ରଥମ ପାହାଚ ହେଉଛି ବିଫଳତା । ବାସ୍ତବରେ ବିଫଳତା ବୋଲି କିଛି ନାହିଁ । କଠୋର ଶ୍ରମ କଲେ ସେମାନେ ମଧ୍ୟ ଅନ୍ୟମାନଙ୍କ ଭଳି ନିଶ୍ଚିତ ଭାବେ ସଫଳତା ପାଇ ପାରିବେ ।

ଶୁଭମନାସୀ ରହୁଛି
ମଞ୍ଜୁ ଚୌଧୁରୀ,
ଲଣ୍ଡନ
-----------------------------------------------
ମଇ ୬, ଶୁକ୍ରବାର

ଆପଣଙ୍କ ୱେବ୍‌ସାଇଟ୍‌ରେ ମାଲେସିୟାରେ ଓଡିଆ ଚିତ୍ରକରଙ୍କ ସମ୍ପର୍କରେ ପ୍ରକାଶିତ ଖବରର କୌଣସି ଗୁରୁତ୍ୱ କିମ୍ବା ଯଥାର୍ଥତା ଥିବାଭଳି ହୃଦବୋଧ ହେଉନାହିଁ । ଏହାଛଡା ଚିତ୍ରକର ପାଠୀ, ବର୍ତ୍ତମାନ ରାଜ୍ୟ ସଂଗ୍ରହଳାୟର କ୍ୟୁରେଟର୍ ପଦବୀରେ ନାହାନ୍ତି ।

ବ୍ୟକ୍ତିଗତଭାବେ ଭାବୁଛି, କଳା ଓ ସଂସ୍କୃତି ସମ୍ପର୍କିତ ଖବର ପ୍ରକାଶ କରିବାବେଳେ ଭବିଷ୍ୟତରେ ଅଧ୍‌କରୁ ଅଧିକ ସଜାଗ ରହିବେ । ଉତ୍ସାହରେ ଅଯଥା ଏବଂ ମୂଲ୍ୟହୀନ ଖବରକୁ ସାଇଟ୍‌ରେ ସ୍ଥାନିତ ନକଲେ ଖୁବ୍ ଉତ୍ତମ ହୁଅନ୍ତା । ଆପଣଙ୍କ ସାଇଟର ଉଷସୀ (ଚଳଚ୍ଚିତ୍ର ଅଭିନେତ୍ରୀ)ଙ୍କ ସମ୍ପର୍କରେ ପ୍ରକାଶିତ ଖବରଟି ମଧ୍ୟ ଏହି ଶ୍ରେଣୀର ।

ଆଗାମୀ ଦିନରେ ଭଲ ଖବର ଆଶାରେ ରହୁଛି ।

ବିଭୂତି ମିଶ୍ର, ସାମ୍ବାଦିକ,
ଭୁବନେଶ୍ୱର
-------------------------------

ମଇ୬, ଶୁକ୍ରବାର
ମହିଶୂର ଓଡିଶା ଆସୋସିଏସନ୍ ହାତକୁ ନେଇଥିବା ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଓଡିଶା ଡଟ୍ କମ୍‌ରେ ପ୍ରକାଶିତ ଖବର ଲାଗି ଅନେକ ଅନେକ ଧନ୍ୟବାଦ ।

ଭୁବନେଶ୍ୱରରୁ ଆପଣଙ୍କ ଟେଲିଫୋନ୍ ପାଇବା ଏକ ସୁଖଦ ଅନୁଭୂତି ଥିଲା । ଆପଣଙ୍କ ସୁଖସମୃଦ୍ଧି ଏବଂ ସାମୂହିକ ଉନ୍ନତି ନିମିତ୍ତ ସର୍ବ ଶକ୍ତିମାନ ଠାକୁରଙ୍କ ନିକଟରେ ଆମର ଆନ୍ତରିକ ପ୍ରାର୍ଥନା ।

ହଁ, ଆପଣ ମହିଶୂରର ଅନ୍ୟତମ ଲୋକପ୍ରିୟ ଦୈନିକ ‘ଦି ଷ୍ଟାର୍ ଅଫ୍ ମହିଶୂର’ରୁ ଦେଖିଥିବେ, କାବେରୀ ନଦୀ କୂଳରେ ପ୍ରାକୃତିକ ଦୃଶ୍ୟରାଜିରେ ପରିପୂର୍ଣ୍ଣ ସ୍ଥାନରେ ରହିଥିବା ଚାରି ଶହ ବର୍ଷ ତଳର ଲକ୍ଷ୍ମୀନୃସିଂହ ସ୍ୱାମୀ ମନ୍ଦିରର ପୁନରୁଦ୍ଧାର ଏବଂ ରକ୍ଷଣାବେକ୍ଷଣ ନିମିତ୍ତ ମହିଶୂର ଓଡିଆ ଆସୋସିଏସନ୍ ନିଷ୍ପତ୍ତି ନେଇଥିବା ଆପଣ ପଢିଥିବେ ।

ଏଠାରେ ଥିବା ଆମ ଆସୋସିଏସନ୍ ଏକ ରେଜିଷ୍ଟ୍ରିଭୁକ୍ତ ଅନୁଷ୍ଠାନ । ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ

ହାତକୁ ନେବାଲାଗି କର୍ଣ୍ଣାଟକ ସରକାରଙ୍କ ଠାରୁ ଆମ୍ଭେମାନେ ଅନୁମତି ହାସଲ କରିଛୁ । ମନ୍ଦିର ହେଉଛି ଦେବୋତ୍ତର ସମ୍ପତ୍ତି ଏବଂ ସରକାରଙ୍କ ନିୟନ୍ତ୍ରଣରେ ରହିଛି । ଭବିଷ୍ୟତରେ ଆମେ ସେଠାରେ ଭଗବାନ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ସ୍ଥାପନ କରିବା ବିଷୟରେ ଗୁରୁତର ସହ ଚିନ୍ତା କରୁଛୁ ।

ପ୍ରକଳ୍ପର ସନ୍ତୋଷଜନକ କାର୍ଯ୍ୟ ସଂପୂର୍ଣ୍ଣ ଏବଂ ଏହାର ନିୟମିତ ରକ୍ଷଣାବେକ୍ଷଣ ଓ ପୂଜାଲାଗି ବିଦେଶ ତଥା ଓଡିଶାର ଧାର୍ମିକ ମନୋବୃତ୍ତିର ଓଡିଆମାନଙ୍କ ସାହାଯ୍ୟ ଓ ସହାୟତା ଲୋଡୁଛୁ । ସୁତରାଂ ଆମର ଏହି ସମ୍ବାଦ କିଭଳି ଅଧିକରୁ ଅଧିକ ପ୍ରସାରିତ ହେବ ସେଥିଲାଗି ସବୁମନ୍ତେ ଓଡିଶା ଡଟ୍ କମ୍‌ର ସାହାଯ୍ୟ ନିବେଦନ କରୁଛୁ ।

ଶୁଭକାମନା ଓ ଆର୍ଶୀବାଦ ସହ
ଦିଲ୍ଲୀପ କୁମାର ମିଶ୍ର,
ମହିଶୂର
--------------------------------
ପ୍ରିୟ ସମ୍ପାଦକ, ମଇ ୫, ଗୁରୁବାର
ଆପଣଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶ ପାଉଥିବା ସମୟୋପଯୋଗୀ ଲେଖା ଗୁଡିକ ପାଇଁ ଅଶେଷ ଧ ନ୍ୟବାଦ । ଉନ୍ନୟନମୂଳକ ବିଷୟବସ୍ତୁକୁ ନେଇ ଏଭଳି ଲେଖା (ଦେଶ ଏବଂ ବିଦେଶରେ ଉନ୍ନୟନ କାର୍ଯ୍ୟରେ ସଂଶ୍ଲିଷ୍ଟ ଅଧିକରୁ ଅଧିକ ଓଡିଆ) ପ୍ରକାଶନ ଦ୍ୱାରା ଆପଣଙ୍କ ୱେବ୍‌ସାଇଟ୍ ନିଶ୍ଚିତଭାବେ ବୁଦ୍ଧିଜିବୀ ମାନଙ୍କ ମଧ୍ୟରେ ବିଶ୍ୱସ୍ତନୀୟତା ହାସଲ କରିବ ।

ସମ୍ମାନର ସହ
ବିକାଶ ଦାସ, ନୂଆଦିଲ୍ଲୀ
--------------------------------
ପ୍ରିୟ ମହାଶୟ, ମଇ ୨, ସୋମବାର

ଆପଣଙ୍କ ୱେବ୍‌ସାଇଟ୍‌ରେ ପ୍ରଦାନ କରାଯାଉଥିବା ବିଭିନ୍ନ ତଥ୍ୟ ନିମନ୍ତେ ଅଜସ୍ର ଧନ୍ୟବାଦ । ସାଇଟ୍‌ଟି ସମସ୍ତ ଆନ୍ତର୍ଜାତିକ ଦର୍ଶକଙ୍କ ନିକଟରେ ପହଂଚି ପାରୁଥିବାରୁ ଏବଂ ହୃଦୟକୁ ସ୍ପର୍ଷ କରିପାରୁଥିବାରୁ ଏହା ମୋ' ପସନ୍ଦ ତାଲିକାର ଅଗ୍ରରେ ରହିଛି । ତେବେ ସାଇଟ୍‌ର ବିକାଶ ଲାଗି କେତେକ ପରାମର୍ଶ ଦେଉଛି ।

ପ୍ରଥମତଃ ୱେବ୍‌ସାଇଟ୍‌ର ହୋମପେଜଟି ନିଶ୍ଚିତଭାବେ ରଙ୍ଗୀନ ଓ ଦୃଷ୍ଟି ଆକର୍ଷଣୀୟ ହେବା ଜରୁରୀ । ବିଶେଷକରି 'ଫଣ୍ଟ'ର ସାଇଜ୍ ସାମାନ୍ୟ ବୃଦ୍ଧି ହେଲେ ପଢିବାକୁ ଭଲ ଲାଗିବ । ଏହାଛଡା ଅଧିକ ଆଇକନ୍‌ସ ବ୍ୟବହୃତ କରିବା ସ୍ୱାଗତଯୋଗ୍ୟ ହେବ ।

ଦ୍ୱିତୀୟତଃ ସମସ୍ତ ଓଡିଆ ବନ୍ଧୁମାନଙ୍କ ନାମ ଓ ଠିକଣା ଦୟାକରି ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରନ୍ତୁ । ତେବେ ସେମାନଙ୍କସହ ଭାବ ବିନିମୟ ହୋଇପାରିବ ।

ସାଇଟ୍‌ର ଉନ୍ନତି ପାଇଁ ମୋ' ଦ୍ୱାରା ଯଦି କିଛି ହୋଇପାରିବ ତାହାହେଲେ ସେହି ( ଓଡିଆ ବନ୍ଧୁମାନଙ୍କ ମଧ୍ୟରେ ଭାବବିନିମୟ, ଚିଠିପତ୍ର ବଣ୍ଟନ, ମେଲ୍ ପ୍ରେରଣ, ସ୍ଥାନୀୟ ବୈଠକ ପ୍ରଭୃତିର ଆୟୋଜନ) ଆଦି କାର୍ଯ୍ୟ କରିବାକୁ ମଧ୍ୟ ମୁଁ ଆଗ୍ରହୀ ଅଛି । ଯଦି କିଛି କରିପାରିବି, ବିନା ଦ୍ୱିଧାରେ ଜଣାଇବେ ।

ଧନ୍ୟବାଦର ସହ

ଆପଣଙ୍କର ବିଶ୍ୱସ୍ତ
ଅରବିନ୍ଦ ମିଶ୍ର,
ସ୍ମଲ୍ ଇଣ୍ଡଷ୍ଟ୍ରି ଡେଭେଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ,
ଏସ୍ଆଇଡିବିଆଇ ଟାୱାର୍,
୧୫-ଅଶୋକ ମାର୍ଗ, ଲକ୍ଷ୍ନୌ-୨୨୬୦୦୧ (ଉତ୍ତର ପ୍ରଦେଶ)

---------------

୩୦ ଏପ୍ରିଲ୍, ଶନିବାର

ପ୍ରିୟ ମହାଶୟ,

ସପ୍ରେମ ନମସ୍କାର। ଓଡିଶା ଡଟ୍ କମ୍ ସାଇଟ୍‌ଟି ବେଶ୍ ଭଲ ହେଉଛି। ତେବେ ଏହାର ଉନ୍ନତି ନିମନ୍ତେ ଅନେକ କିଛି କରିବାର ଅଛି। ସାଇଟ୍‌ରେ ଓଡିଆ କ୍ୟାଲେଣ୍ଡର, ସାପ୍ତାହିକ ରାଶିଫଳ ଆଦି ଦେଲେ ଖୁବ୍ ଭଲ ହୁଅନ୍ତା। ତାଛଡା ଓଡିଆ ଖବର କାଗଜର ମୁଖ୍ୟାଂଶ ବି ଆପଣ ନେଇପାରିବେ।

ଚିଠିପତ୍ର ସ୍ତମ୍ଭରେ ଚିଠି ପାଖରେ ତାରିଖ ବି ଉଲ୍ଲେଖ କରନ୍ତୁ। ‘ଓଡିଶାର ବନ୍ଧୁ’ ସ୍ତମ୍ଭକୁ ଆହୁରି ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପିତ କରିବାର ଆବଶ୍ୟକତା ଅନୁଭବ କରୁଛି। ଅନ୍ୟପକ୍ଷରେ ସଂଯୋଜକମାନଙ୍କ ଭୂମିକା କଣ ହେବ ତାହା ସ୍ପଷ୍ଟଭାବେ ଉଲ୍ଲେଖ କରାଯିବା ବିଧେୟ।

ଓଡିଶା ଡଟ୍ କମ୍‌ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି। ଆଶା ଏହି ସାଇଟ୍ ଓଡିଶାକୁ ଓଡିଶା ବାହାରେ ପ୍ରତିନିଧିତ୍ୱ କରିବାରେ ସକ୍ଷମ ହେବ।

ଇତି
ଆପଣଙ୍କର
ସୌମ୍ୟ,
ପଦାର୍ଥ ବିଜ୍ଞାନ ବିଭାଗ,
ଆଇଆଇଟି, ଖଡଗପୁର-୭୨୧୩୦୨

**ଉପରକୁ**